**The Suryaprava**
**Date: 23.09.2018**

# ଆଇଆଇଟି ଭୁବନେଶ୍ୱରରେ ୭ମ ସମାବର୍ତ୍ତନ ଉତ୍ସବ




॥ ପ୍ରଭାନ୍ୟୁଜ୍ ॥ ଜଟଣୀ, ୨୨।୯ : ଜଟଣୀସ୍ଥ ଆଇଆଇଟି ଭୁବନେଶ୍ୱର କେନ୍ଦ୍ରର ୭ମ ସମାବର୍ତ୍ତନ ସମାରୋହ ନିଜସ୍ୱ କ୍ୟାମ୍ପସ ମଧ୍ୟରେ ମହାସମାରୋହରେ ପାଳିତ ହୋଇଯାଇଛି । ମୁଖ୍ୟଅତିଥିଭାବେ ଡ. ଆଶୁତୋଷ ଶର୍ମା ସେକ୍ରେଟାରୀ ଡିପାର୍ଟମେଣ୍ଟ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଭାରତ ସରକାର ଯୋଗଦେଇ ପ୍ରତ୍ୟେକ ଛାତ୍ରଛାତ୍ରୀ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇଥିଲେ ଯେ ଚାକିରି ପଛରେ ନଧାଇଁ ନିଜେ ନିଜେ ନିଜର ଅନ୍ତର୍ନିହିତ ଗୁଣାବଳୀକୁ ପାଥେୟ କରି ଗବେଷଣା କ୍ଷେତ୍ରରେ ଏପରି ଆଗେଇଯିବା ଉଚିତ ଯେପରି କି କର୍ମ ସେମାନଙ୍କ ପଛରେ ଧାଇଁବ । ସେହିପରି ଅନ୍ୟତମ ଅତିଥିଭାବେ ଯୋଗଦେଇଥିବା ଚେୟାରମ୍ୟାନ ବୋର୍ଡ଼ ଅଫ ଗଭର୍ଣ୍ଣର ପଙ୍କଜ ରମନ ଭାଇ ପଟେଲ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ଅଭିଭାବକଙ୍କୁ ଧନ୍ୟବାଦ ଅର୍ପଣ କରିବା ସହିତ ଛାତ୍ରଛାତ୍ରୀ କେବେ ବି ସେମାନଙ୍କ ଲକ୍ଷପଥରୁ ଓହରିଯିବା କଥା ଭାବନାରେ ନଆସି ବରଂ ଅତ୍ୟାଧୁନିକ ଜ୍ଞାନକୌଶଳକୁ ପାଥେୟ କରି ନିଜର ତଥା ଦେଶର ଭବିଷ୍ୟତ ଉଜ୍ଜ୍ୱଳ କରିବାରେ ସହାୟ ହେବେ ବୋଲି ଉଦ୍‌ବୋଧନ ଦେଇଥିଲେ । ଏହି ଆଧାରରେ ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ରତ୍ନ ଭି. ରାଜକୁମାର ସମସ୍ତ ପଦକଧାରୀ ତଥା ଡିଗ୍ରୀଧାରୀ ଛାତ୍ରଛାତ୍ରୀଙ୍କୁ ଜ୍ୟୋତିର୍ମଣ୍ଡଳର ଗୋଟିଏ ଗୋଟିଏ ନକ୍ଷତ୍ରର ଆଖ୍ୟା ଦେଇ ସମସ୍ତଙ୍କ ଭବିଷ୍ୟତର ମଙ୍ଗଳ କାମନା କରିଥିଲେ । ଏହି ଅବସରରେ ବିଟେକ ମେକାନିକାଲ ସାଇନ୍ସ ଛାତ୍ର ଦିବାକରଙ୍କୁ ରାଷ୍ଟ୍ରପତିଙ୍କ ସ୍ୱୀକୃତି ସ୍ୱର୍ଣ୍ଣପଦକ, ଏମ୍.ଏ.ସି ବିଭାଗର ସୟନରଏଙ୍କୁ ଡାଇରେକ୍ଟରସ ସ୍ୱର୍ଣ୍ଣପଦକ ଏବଂ ଏମଟେକ୍ ବ୍ୟାଚର ଦେବଲୀନା ମୁଖାର୍ଜୀଙ୍କୁ ଡାଇରେକ୍ଟର୍ସ ସ୍ୱର୍ଣ୍ଣପଦକରେ ଆଭୂଷିତ କରାଯାଇଥିଲା । ସେହିପରି ବିଟେକ୍‌ବ୍ୟାଚର ନନ୍ଦୁରୀ ଦିବାକର, ରାମ୍‌ରେଡ୍ଡୀ ଗାରୀ, ରାହୁଲ ରେଡ୍ଡୀ, କୋଲାଲକ୍ଷ୍ମୀ ସାରଣୀ, ସ୍ନେହାସୁମନ ଜର୍ଜ, ସୁଧାଂଶୁ ଶ୍ରୀବାସ୍ତବ, ଏମଟେକ୍ ବ୍ୟାଚର ଦେବଲୀନା ମୁଖାର୍ଜୀ, ବିକାଶ ଶର୍ମା, ଅନୂଶୟା ଅନୁପମ୍ ସ୍ୱାତୀ, ଓ ଦୀପାଞ୍ଜଳି ହାଲ୍‌ଦାରଙ୍କୁ ରୌପ୍ୟପଦକରେ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଇଆଇଟିର କୁଳସଚିବ ଦେବରାଜ ରଥ, ପ୍ରଫେସର ଆରକେ ପଣ୍ଡା, ପ୍ରଫେସର ଭି.ଆର ପେଡ୍ଡୀରେଡ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।